1959

ଡିସେମ୍ବର 15

ଉତ୍ତର ପ୍ରଦେଶ ରାଜ୍ୟ

ବନାମ

ଏମ୍. ପି. ସିଂହ ଏବଂ ଅନ୍ୟମାନେ

(ବି. ପି. ସିନ୍ହା,ମୁଖ୍ୟ ନ୍ୟାୟାଧୀଶ, ପି. ବି. ଗଜେନ୍ଦ୍ରଗଡ଼କର, କେ. ସୁବ୍ବା ରାଓ, କେ. ସି. ଦାସ ଗୁପ୍ତା ଏବଂ ଜେ. ସି. ଶାହା, ନ୍ୟାୟାଧୀଶବୃନ୍ଦ )

ବାଣିଜ୍ୟିକ ପ୍ରତିଷ୍ଠାନ-ଏକ ଚିନି କାରଖାନାର କ୍ଷେତ୍ର ଶ୍ରମିକ- ଯଦି ଏକ ବାଣିଜ୍ୟିକ ପ୍ରତିଷ୍ଠାନର ଶ୍ରମିକ ଥାଆନ୍ତି- ସଂଯୁକ୍ତ ପ୍ରଦେଶିକ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ 1947 ର (ୟୁ. ପି. ଅଧିନିୟମ ସଂଖ୍ୟା XXII/1947), ଧାରା 2 (3), କାରଖାନା ଅଧିନିୟମ 1948 (1948 ର ଅଧିନିୟମ LXIII), ଧାରା 2 (1) ।

ଲକ୍ଷ୍ମୀ ଦେବୀ ସୁଗାର ମିଲ୍ସ୍ ଲିମିଟେଡ଼ର ମହାପ୍ରବନ୍ଧକ, ଉପପ୍ରବନ୍ଧକ ଏବଂ ସଚିବ ଥିବା ତିନି ଜଣ ଉତ୍ତରଦାତାଙ୍କୁ, ସଂଯୁକ୍ତ ପ୍ରଦେଶ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ 1947 ର ଉପଧାରା ଗୁଡିକ 12,13 ଏବଂ 26, ଅଧୀନରେ ଅଭିଯୁକ୍ତ କରାଯାଇଥିଲା, ସେମାନେ କାରଖାନାରେ ବ୍ୟବହାର ପାଇଁ ଆଖୁର ଯୋଗାଣର ମାର୍ଗଦର୍ଶନ, ତଦାରଖ ଏବଂ ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ କମ୍ପାନୀ ଦ୍ୱାରା ନିଯୁକ୍ତ ଏକ ଶ୍ରେଣୀର କ୍ଷେତ୍ର କର୍ମଚାରୀଙ୍କ ସମ୍ପର୍କିତ ଛୁଟି, ଏବଂ କିଛି ଅଭିଲେଖ ଗୁଡିକର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଆଇନ ବ୍ୟବସ୍ଥାର ଉଲ୍ଲଂଘନ କରିଥିଲ । ସେମାନଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଥିଲା ଯେ ସେହି କର୍ମଚାରୀମାନେ କାରଖାନା ଅଧିନିୟମର ଅର୍ଥ ଆଧାରରେ ଶ୍ରମିକ ଥିଲେ ଏବଂ ସଂଯୁକ୍ତ ପ୍ରଦେଶିକ ଦୋକାନ ଏବଂ ପ୍ରତିଷ୍ଠାନ ଅଧିନିୟମ ସେମାନଙ୍କ ପାଇଁ ପ୍ରଯୁଜ୍ୟ ନଥିଲା । ନ୍ୟାୟିକ ବିଚାରପତି ସେହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଅଧିନିୟମ 26 ଅନୁଯାୟୀ ଉତ୍ତରଦାତାମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ସେମାନଙ୍କୁ ପ୍ରତ୍ୟେକ 30 ଟଙ୍କା ଲେଖାଏ ଜୋରିମାନା ଦେବାକୁ ଦଣ୍ଡାଦେଶ କରିଥିଲେ । ଉକ୍ତ ଦଣ୍ଡବିଧାନ ଏବଂ ଦଣ୍ଡାଦେଶକୁ ବାତିଲ କରାଯାଇପାରେ ବୋଲି, ଦୌରା ବିଚାରପତି ଦେଇଥିବା ଏକ ବିଚାରାର୍ଥେ ପ୍ରେରଣ ଆଧାରରେ, ଉଚ୍ଚନ୍ୟାୟାଳୟ, ଉତ୍ତରଦାତାମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ରାଜ୍ୟ ସରକାର ବିଶେଷ ଅନୁମତି ଦ୍ୱାରା ଏହି ଅଦାଲତରେ ଆବେଦନ କରିଥିଲେ।

ନିର୍ଣ୍ଣିତ ହେଲା ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦୋଷ ମୁକ୍ତି ଆଦେଶ ତ୍ରୁଟିପୂର୍ଣ୍ଣ ଥିଲା ।

1959
ଉତ୍ତର ପ୍ରଦେଶ ରାଜ୍ୟ
ବନାମ
ଏମ୍. ପି. ସିଂହ ଏବଂ
ଅନ୍ୟମାନେ
ନ୍ୟାୟାଧୀଶ ଶାହା

କାରଖାନା ଅଧିନିୟମର ବ୍ୟବସ୍ଥାଗୁଡ଼ିକ କେବଳ ଏକ କାରଖାନାରେ ନିଯୁକ୍ତ ଶ୍ରମିକମାନଙ୍କ ସୁବିଧା କରିବା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଯେହେତୁ କାରଖାନାରେ ବ୍ୟବହାର ପାଇଁ ଆଖୁ ର ଯୋଗାଣକୁ ମାର୍ଗଦର୍ଶନ, ତଦାରଖ ଏବଂ ବୃଦ୍ଧି ନିୟନ୍ତ୍ରଣ କରୁଥିବା କ୍ଷେତ୍ର ଶ୍ରମିକମାନେ କାରଖାନାରେ ନିଯୁକ୍ତ ହୋଇନଥିଲେ, କାରଖାନା ଅଧିନିୟମ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହୋଇନଥିଲା ଏବଂ ସେମାନେ ସଂଯୁକ୍ତ ପ୍ରଦେଶିକ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ 1947 ର "ବାଣିଜ୍ୟିକ ପ୍ରତିଷ୍ଠାନ" ର ପରିଧି ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ।

**ଅପରାଧିକ ଆବେଦନ ଅଧିକରିତା : ଅପରାଧିକ ଆବେଦନ ସଂଖ୍ୟା 157 ଏବଂ 158 /1957 ଏବଂ 5/1958 ।**

୧୯୫୫ ମସିହାର ଫୌଜଦାରୀ ସନ୍ଦର୍ଭ ସଂଖ୍ୟା ୨୮, ୨୯ ଏବଂ ୩୦ ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କର ଅକ୍ଟୋବର ୩୧, ୧୯୫୫ ରେ ଦିଆଯାଇଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ, ଯାହା ୧୮ ଡିସେମ୍ବର ୧୯୫୪ ମସିହାରେ ଦେଓରିଆର ଦୌରା ବିଚାରପତିଙ୍କ ଦିଆଯାଇଥିବା ରାୟର ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା ୭, ୮ ଏବଂ ୯ ର ଆଦେଶରୁ ଉତ୍ପନ୍ନ ହୋଇଥିଲା ।

*ଜି. ସି. ମାଥୁର, ସି. ପି. ଲାଲ ଏବଂ ଜି. ଏନ୍. ଦୀକ୍ଷିତ* ଆବେଦନକାରୀଙ୍କ ପାଇଁ ।

*ଉତ୍ତର ପ୍ରଦେଶ ରାଜ୍ୟ ଡବ୍ଲୁ. ଏସ୍. ବାର୍ଲିଙ୍ଗେ ଏବଂ ଏ. ଜି. ରତ୍ନପର୍ଖି,* ଉତ୍ତରଦାତାମାନଙ୍କ ପାଇଁ ।

1959.ଡିସେମ୍ବର 15 ରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ଶାହା - ଆବେଦନରେ, ଉଠାଯାଇଥିବା ପ୍ରଶ୍ନଟି ହେଉଛି, ଚିନି କାରଖାନାରେ ବ୍ୟବହାର ପାଇଁ ଆଖୁର ଯୋଗାଣକୁ ମାର୍ଗଦର୍ଶନ, ତଦାରଖ ଏବଂ ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ନିଯୁକ୍ତ କ୍ଷେତ୍ର କର୍ମଚାରୀ, କାର୍ଯ୍ୟ ପରିଚାଳକ ଏବଂ କାମଦାରମାନେ, 1947 ର ସଂଯୁକ୍ତ ପ୍ରଦେଶିକ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ XXII ର ଅର୍ଥ ଅନୁଯାୟୀ ଏକ 'ବାଣିଜ୍ୟିକ ପ୍ରତିଷ୍ଠାନ' ର କର୍ମଚାରୀ କି? । ଅଧିନିୟମ 27 ଅନୁଯାୟୀ ଅପରାଧ ପାଇଁ ଉତ୍ତରଦାତାମାନଙ୍କ ବିଚାର କରୁଥିବା ବିଚାରପତି କହିଛନ୍ତି ଯେ କ୍ଷେତ୍ର ଶ୍ରମିକମାନେ ଏକ ବାଣିଜ୍ୟିକ ପ୍ରତିଷ୍ଠାନର କର୍ମଚାରୀ ଥିଲେ । ଆହ୍ଲାବାଦର ଉଚ୍ଚ ନ୍ୟାୟାଳୟ ଏକ ବିପରୀତ ଆଭିମୁଖ୍ୟ ଗ୍ରହଣ କରିଥିଲେ ଏବଂ ଉତ୍ତର ପ୍ରଦେଶ ରାଜ୍ୟ ସରକାର , ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ବିରୁଦ୍ଧରେ, ସମ୍ବିଧାନର ଧାରା 136 ଆଧାରରେ ବିଶେଷ ଅନୁମତି ଆଦେଶ ଦ୍ୱାରା ଏହି ଅଦାଲତରେ ଆବେଦନ କରିଛନ୍ତି ।

ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ନିଯୁକ୍ତି ସମୟ ଏବଂ ନିଯୁକ୍ତିର କିଛି ଅନ୍ୟାନ୍ୟ ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ପାଇଁ ସଂଯୁକ୍ତ ପ୍ରଦେଶିକ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ, 1947 କୁ ପ୍ରଣୟନ କରାଯାଇଥିଲା । ବାଣିଜ୍ୟିକ ପ୍ରତିଷ୍ଠାନକୁ ଅଧିନିୟମର ଧାରା 2, ଖଣ୍ଡ 3 ଦ୍ୱାରା ପରିଭାଷିତ କରାଯାଇଛି । ଅଧିନିୟମର ଧାରା 12 ଅନୁଯାୟୀ, କର୍ମଚାରୀମାନଙ୍କୁ ଛୁଟି ବ୍ୟତୀତ ସାପ୍ତାହିକ ଛୁଟି ଦେବା ପାଇଁ ବ୍ୟବସ୍ଥା କରାଯାଇଛି ଯାହା ଧାରା 11 ଅଧୀନରେ ପ୍ରଦାନ କରାଯାଇପାରେ । ଧାରା 13ରେ ସାଧାରଣ, ଆକସ୍ମିକ ଏବଂ "ଅସୁସ୍ଥତା ଛୁଟି" ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଧାରା 26 ଅନୁଯାୟୀ ନିଯୁକ୍ତିଦାତାଙ୍କୁ ଏପରି ଅଭିଲେଖ ଏବଂ ରେକର୍ଡ ରଖିବା ଏବଂ ନିର୍ଦ୍ଧାରିତ ସୂଚନା ପ୍ରଦର୍ଶନ କରିବା ଆବଶ୍ୟକ ଏବଂ ଧାରା 27 ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମର ଉଲ୍ଲଂଘନକୁ ଦଣ୍ଡିତ କରିଥାଏ ।

ଲକ୍ଷ୍ମୀ ଦେବୀ ସୁଗାର ମିଲ୍ସ ଲିମିଟେଡ୍ (ଏହା ପରେ କମ୍ପାନୀ ଭାବରେ ସୂଚିତ ହୋଇଅଛି ) ଚିନି ଉତ୍ପାଦନ ପାଇଁ, ଚିତୌନୀରେ, ଏକ କାରଖାନାର ମାଲିକ ଅଟନ୍ତି । ତିନି ଜଣ ଉତ୍ତରଦାତା ଯଥାକ୍ରମେ କମ୍ପାନୀର ମହାପ୍ରବନ୍ଧକ,,ସହାୟକ ପ୍ରବନ୍ଧକ ଏବଂ ସହାୟକ ସଚିବ ଅଟନ୍ତି । କାରଖାନାରେ ବ୍ୟବହାର ପାଇଁ, ଆଖୁର ଯୋଗାଣକୁ ମାର୍ଗଦର୍ଶନ, ତଦାରଖ ଏବଂ ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ କମ୍ପାନୀ କେତେକ ନିର୍ଦ୍ଦିଷ୍ଟ ବର୍ଗର କ୍ଷେତ୍ର କର୍ମଚାରୀଙ୍କୁ ନିଯୁକ୍ତି ଦେଇଥାଏ । ଉତ୍ତର ପ୍ରଦେଶର ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନର ଉପମୁଖ୍ୟ ନିରୀକ୍ଷକ, ଦେଓରିଆ ନ୍ୟାୟିକ ବିଚାରପତିଙ୍କ ଅଦାଲତରେ ଉତ୍ତରଦାତାଙ୍କ ବିରୋଧରେ ଅଧିନିୟମର ଧାରା 12,13,26 ଉଲ୍ଲଂଘନ ଆଧାରରେ ତିନୋଟି ଅଭିଯୋଗ ଦାଖଲ କରିଥିଲେ,ଯେଉଁ ଗୁଡିକ କମ୍ପାନୀରେ ଆଖୁ ଯୋଗାଣର ମାର୍ଗଦର୍ଶନ, ତଦାରଖ ଏବଂ ବୃଦ୍ଧି ନିୟନ୍ତ୍ରଣ ପାଇଁ କମ୍ପାନୀ ଦ୍ୱାରା ନିଯୁକ୍ତ କେତେକ କ୍ଷେତ୍ର ଶ୍ରମିକଙ୍କ ବାବଦରେ ଥିଲା । ଉତ୍ତରଦାତାମାନେ ଯୁକ୍ତିଉପସ୍ଥାପନ କରିଥିଲେ ଯେ ଏହି ଆଇନ ସେହି କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ କାରଣ ସେମାନେ କାରଖାନା ଅଧିନିୟମର ଅର୍ଥ ଆଧାରରେ ଶ୍ରମିକ ଥିଲେ ଏବଂ ସେହି ଅନୁଯାୟୀ ଅଧିନିୟମ କାର୍ଯ୍ୟକରିତାରୁ ମୁକ୍ତ ଥିଲେ । ନ୍ୟାୟିକ ବିଚାରପତି ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଉତ୍ତରଦାତାମାନଙ୍କୁ ଅଧିନିୟମର ଧାରା 26 ଉଲଂଘନ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ପ୍ରତ୍ୟକଙ୍କୁ 30 ଟଙ୍କା ଲେଖାଏ ଜୋରିମାନା ଦଣ୍ଡାଦେଶ କରିଥିଲେ । ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶର ଆଦେଶ ବିରୁଦ୍ଧରେ, ଉତ୍ତରଦାତାମାନେ ଦେଓରିଆର ଦୌରା ଅଦାଲତରେ ପୁନରୀକ୍ଷଣ ଆବେଦନ କରିଥିଲେ । ଦୌରା ବିଚାରପତି, ବିଚାରବିଭାଗୀୟ ବିଚାରପତିଙ୍କ ଦୃଷ୍ଟିକୋଣ ସହିତ ଅସହମତି ପ୍ରକାଶ କରିଥିଲେ ଏବଂ ବିଚାରବିଭାଗୀୟ ବିଚାରପତିଙ୍କ ଦ୍ୱାରା ପାରିତ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶର ଆଦେଶକୁ

1959
ଉତ୍ତର ପ୍ରଦେଶ ରାଜ୍ୟ
ବନାମ
ଏମ୍. ପି. ସିଂହ ଏବଂ ଅନ୍ୟମାନେ
ନ୍ୟାୟାଧୀଶ ଶାହା

ବାତିଲ କରିବାକୁ ସୁପାରିଶ କରି ମାମଲା ଗୁଡ଼ିକୁ ଆହ୍ଲାବାଦ ଉଚ୍ଚନ୍ୟାୟାଳୟଙ୍କ ନିକଟକୁ ପଠାଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ବିଚାରର୍ଥେ ପ୍ରେରଣ ବିଷୟଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ଉତ୍ତରଦାତାମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଆଦେଶ ପ୍ରଦାନ କରିଥିଲେ ।

ଆଇନର ଧାରା 2 ଧାରା 3 ରେ ଏକ ବାଣିଜ୍ୟିକ ପ୍ରତିଷ୍ଠାନର ପରିଭାଷା ଅନୁସାରେ, କାରଖାନା ଅଧିନିୟମ, 1934 ର ବ୍ୟବସ୍ଥା ପ୍ରଯୁଜ୍ୟ ନ ଥିବା କାରଖାନାର କିରାଣୀ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡ଼ିକୁ ସେହି ଅଭିବ୍ୟକ୍ତିର ଅର୍ଥରେ ଅନ୍ତର୍ଭୁକ୍ତ କରାଯାଇଛି । ଏହା ସତ୍ୟ ଯେ ଯେଉଁ ପରିଭାଷାରେ କିରାଣୀ ଏବଂ କାରଖାନାର ଅନ୍ୟାନ୍ୟ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଛି ସେଥିରେ ୧୯୩୪ ମସିହାର କାରଖାନା ଅଧିନିୟମରେ ଉଲ୍ଲେଖ ଅଛି, କିନ୍ତୁ ୧୮୯୭ ମସିହାର ସାଧାରଣ ଖଣ୍ଡ ଅଧିନିୟମର ଧାରା ୮ ଅନୁଯାୟୀ, ଏହାକୁ ୧୯୪୮ ମସିହାର କାରଖାନା ଆଇନ LXIII ର ବ୍ୟବସ୍ଥା ଆଧାରରେ ବ୍ୟାଖ୍ୟା କରାଯିବା ଆବଶ୍ୟକ, ଯାହା ୧୯୩୪ ମସିହାର କାରଖାନା ଆଇନକୁ ବାତିଲ କରିଥିଲା ଏବଂ ଏହାକୁ ପୁନଃ ପ୍ରଣୟନ କରିଥିଲା । ବିଶେଷ ଅନୁମତି ଦ୍ୱାରା ରାଜ୍ୟ ଦ୍ୱାରା ଉଠାଯାଇଥିବା ଯୁକ୍ତି, ଯେ କାରଖାନା ଅଧିନିୟମ 1934 ର ରଦ୍ଦ ହେବା ପରଠାରୁ, ବାଣିଜ୍ୟିକ ପ୍ରତିଷ୍ଠାନର ସଂଜ୍ଞାର ଧାରା 2 ଖଣ୍ଡ 3କୁ ରିହାତି ବିନା ଏକ କାରଖାନାର ସମସ୍ତ କିରାନି ସମ୍ବନ୍ଧୀୟ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନରେ ଅନ୍ତର୍ଭୁକ୍ତ କରାଯାଇଛି , ତେଣୁ ଏହା ଶକ୍ତିହୀନ ଅଟେ ।

କାରଖାନା ଅଧିନିୟମ 1948ର ଧାରା 2 (1) ଦ୍ୱାରା ଜଣେ ଶ୍ରମିକଙ୍କୁ ଏହି ଭାବରେ ବ୍ୟାଖ୍ୟା କରେ ଯେ |

"ପ୍ରତ୍ୟକ୍ଷ ଭାବରେ କିମ୍ବା ଯେକୌଣସି ସଂସ୍ଥା ମାଧ୍ୟମରେ, ମଜୁରୀ ପାଇଁ ହେଉ ବା ନ ହେଉ, କୌଣସି ଉତ୍ପାଦନ ପ୍ରକ୍ରିୟାରେ କିମ୍ବା ଉତ୍ପାଦନ ପ୍ରକ୍ରିୟା ପାଇଁ ବ୍ୟବହୃତ ଯନ୍ତ୍ରପାତି କିମ୍ବା ପରିସରର ଯେକୌଣସି ଅଂଶ ସଫା କରିବାରେ, କିମ୍ବା ଉତ୍ପାଦନ ପ୍ରକ୍ରିୟା ସହିତ ଆନୁଷଙ୍ଗିକ କିମ୍ବା ସଂଲଗ୍ନ ଅନ୍ୟ କୌଣସି ପ୍ରକାରର କାର୍ଯ୍ୟରେ, ନିଯୁକ୍ତ କୌଣସି ବ୍ୟକ୍ତି " ।

ଏକ କାରଖାନାକୁ ଧାରା 2 (ଏମ୍) ଅନୁସାରେ ପରିଭାଷିତ କରିବାକୁ ଯାଇ କୁହାଯାଇଛି ଯେ, ଏହାର ପରିସର ସମେତ ଯେକୌଣସି ପରିସର ଯେଉଁଥିରେ ପୂର୍ବବର୍ତ୍ତୀ ବାର ମାସର ଯେକୌଣସି ଦିନରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଶ୍ରମିକ ନିୟୋଜିତ ଥାଆନ୍ତି । ଏହି ପରିଭାଷାଗୁଡ଼ିକର ମିଳିତ ପ୍ରୟୋଗ ଦ୍ୱାରା, ଯେକୌଣସି ଉତ୍ପାଦନ ପ୍ରକ୍ରିୟାରେ କିମ୍ବା ଉତ୍ପାଦନ ପ୍ରକ୍ରିୟା ପାଇଁ ବ୍ୟବହୃତ ପରିସର କିମ୍ବା ଯନ୍ତ୍ରପାତିର କୌଣସି ଅଂଶ ସଫା କରିବାରେ କିମ୍ବା ଉତ୍ପାଦନ ପ୍ରକ୍ରିୟାର ବିଷୟ ସହିତ

ଜଡିତ କୌଣସି ଆନୁଷଙ୍ଗିକ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନଙ୍କୁ ଏକ କାରଖାନାରେ ଶ୍ରମିକ ବୋଲି ବିବେଚନା କରାଯାଏ । କାରଖାନା ଅଧିନିୟମ ର ଧାରା 2 (1) ରେ ବ୍ୟବହାର ଦ୍ୱାରା, 'ଉତ୍ପାଦନ ପ୍ରକ୍ରିୟା ବିଷୟ ସହିତ ଜଡିତ କିମ୍ବା ଅନ୍ୟ କୌଣସି ପ୍ରକାରର ଆନୁସଙ୍ଗିକ କାର୍ଯ୍ୟରେ ନିୟୋଜିତ ଶ୍ରମିକ ', କେବଳ ଉତ୍ପାଦନ ପ୍ରକ୍ରିୟାରେ ସିଧାସଳଖ ଜଡିତ ଶ୍ରମିକ ନୁହଁନ୍ତି, ବରଂ ଯେଉଁମାନେ ଏକ କାରଖାନାରେ ଉତ୍ପାଦନ ପ୍ରକ୍ରିୟାର ବିଷୟ ସହିତ ଜଡ଼ିତ ଶ୍ରମିକମାନଙ୍କୁ ମଧ୍ୟ ବୁଝାଏ । ଏହି ମାମଲାର ଉଦ୍ଦେଶ୍ୟ ପୂର୍ଣ୍ଣ ପାଇଁ 'ଉତ୍ପାଦନ ପ୍ରକ୍ରିୟାର ବିଷୟ' ଶବ୍ଦର ଆକ୍ଷରିକ ଅର୍ଥ ନିର୍ଣ୍ଣୟ କରିବା ଅନାବଶ୍ୟକ, କାରଣ ଅଧିନିୟମର ଧାରା 2 ଖଣ୍ଡ(1) ଅନୁଯାୟୀ, କାରଖାନା ଅଧିନିୟମର ବିବିଧ ବ୍ୟବସ୍ଥା କେବଳ ଏକ କାରଖାନାରେ, ଅର୍ଥାତ୍, ଏକ କାରଖାନାର ପରିସର ମଧ୍ୟରେ ନିଯୁକ୍ତ ଶ୍ରମିକମାନଙ୍କୁ ସୁବିଧା ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ । ଏହା ନିର୍ଦ୍ଧାରଣ କରିବା କଷ୍ଟକର ହେବ ଯେ କାରଖାନାରେ ବ୍ୟବହୃତ ହେବାକୁ ଥିବା ଆଖୁ ଏବଂ ଯୋଗାଣର ମାର୍ଗଦର୍ଶନ, ତଦାରଖ ଏବଂ ବୃଦ୍ଧି ନିୟନ୍ତ୍ରଣରେ ନିୟୋଜିତ କ୍ଷେତ୍ର ଶ୍ରମିକମାନେ କାରଖାନାର ପରିବେଷ୍ଟନ କିମ୍ବା ପରିସରରେ ନିଯୁକ୍ତ ଅଛନ୍ତି କି ନା; ଏବଂ ଯଦି ଏହି ଶ୍ରମିକମାନେ ଏକ କାରଖାନାରେ ନିଯୁକ୍ତ ନୁହଁନ୍ତି, ତେବେ କାରଖାନା ଅଧିନିୟମ 1948ର ବ୍ୟବସ୍ଥା ସେମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ଏବଂ ସେମାନେ ସ୍ୱଷ୍ଟ ଭାବରେ ବାଣିଜ୍ୟିକ ପ୍ରତିଷ୍ଠାନର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ।

ଉଚ୍ଚ ନ୍ୟାୟାଳୟଙ୍କର ମତ ଥିଲା ଯେ ଆଖୁ ଉତ୍ପାଦନ ପ୍ରକ୍ରିୟା ସହିତ ଜଡିତ ପର୍ଯ୍ୟବେକ୍ଷକ ଏବଂ କାମଦାରମାନେ , କାରଖାନା ଅଧିନିୟମ ର ଅର୍ଥ ଅନୁସାରେ ଶ୍ରମିକ ଥିଲେ ଏବଂ ଏହି ଅଧିନିୟମ ଅନୁଯାୟୀ ସେମାନଙ୍କୁ 'ବାଣିଜ୍ୟିକ ପ୍ରତିଷ୍ଠାନ'ର ସଂଜ୍ଞାରୁ ବାଦ ଦିଆଯାଇଥିଲା । ଯଦିଓ ପର୍ଯ୍ୟବେକ୍ଷକ ଏବଂ କାମଦାରମାନେ "ଉତ୍ପାଦନ ପ୍ରକ୍ରିୟା ବିଷୟ ସହିତ ଜଡିତ ଅନ୍ୟ କୌଣସି ପ୍ରକାରର କାର୍ଯ୍ୟରେ" ନିଯୁକ୍ତ ହୋଇଥିଲେ, ଯେ ପର୍ଯନ୍ତ ସେମାନେ କାରଖାନାରେ ନିଯୁକ୍ତ ନ ହୋଇଥାନ୍ତି, ସେ ପର୍ଯନ୍ତ କାରଖାନା ଅଧିନିୟମର ବ୍ୟବସ୍ଥା ସେମାନଙ୍କ ପାଇଁ ପ୍ରଯୁଜ୍ୟ ହୁଏ ନାହିଁ, ଆଇନର ଅର୍ଥ ଅଧାରରେ ସେମାନେ ଏକ ବାଣିଜ୍ୟିକ ପ୍ରତିଷ୍ଠାନର କର୍ମଚାରୀ ବୋଲି ଜଣାଯିବ ।

ତେଣୁ ବିଚାର ବିଭାଗୀୟ ବିଚାରପତିଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧରୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରି, ଉଚ୍ଚନ୍ୟାୟାଳୟ ତ୍ରୁଟି କରିଥିଲେ । ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ଦୋଷ ମୁକ୍ତି ଆଦେଶକୁ ବାତିଲ କରି ବିଚାର ବିଭାଗୀୟ ବିଚାରପତିଙ୍କ ଦ୍ୱାରା ପାରିତ ଦଣ୍ଡ ଏବଂ ଦଣ୍ଡାଦେଶର ଆଦେଶକୁ ପୁନଃସ୍ଥାପିତ କରାଗଲା । ବିଶେଷ ଅନୁମତି ପ୍ରଦାନ ସମୟରେ

1959
ଉତ୍ତର ପ୍ରଦେଶ ରାଜ୍ୟ
ବନାମ
ଏମ୍. ପି. ସିଂହ ଏବଂ
ଅନ୍ୟମାନେ
ନ୍ୟାୟାଧୀଶ ଶାହା

ଦିଆଯାଇଥିବା ଏହି କୋର୍ଟର 1, ଅକ୍ଟୋବର, 1956 ତାରିଖର ଆଦେଶକୁ ଦୃଷ୍ଟିରେ ରଖି, ଉତ୍ତରଦାତାମାନେ ଏହି କୋର୍ଟରେ ସେମାନଙ୍କର ଶୁଣାଣି ଖର୍ଚ୍ଚ ପାଇବା ପାଇଁ ହକଦାର ।

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।